# ତହସିଲ କାର୍ଯ୍ୟାଳୟ, ଲଖନପୁର, ଝାରସୁଗୁଡା

## ବିଜ୍ଞପ୍ତି ସଂଖ୍ୟା. 1762 ତା. 12.05.2020

### (ଲଘୁ ଖଣିଜ ଉତ୍ସର ଦୀର୍ଘମିୟାଦି ଲିଜ୍ ନିମନ୍ତେ ଇସ୍ତାହାର)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଲଖନପୁର ତହସିଲ ଅନ୍ତର୍ଗତ ସାରଣିଭୁକ୍ତ ଲଘୁ ଖଣିଜ ଉତ୍ସଗୁଡିକ OMMC(Amendment) Rules-2016 ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୨୦-୨୧ ଠାରୁ ୨୦୨୫-୨୬) ଲିଜ୍ ପାଇଁ ତହସିଲଦାର ଲଖନପୁର ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC(Amendment) Rules-2016 ର **(Form- M)** ପୂରଣ କରି ୩(ତିନି) କପି ସହ ଆବଶ୍ୟକୀୟ କାଗଜାତ ନକଲ ସଂଲଗ୍ନ କରି ସୈରାତ୍ ଉତ୍ସର ନାମ ଯଉମୁଦ ଲଫାଫା ଭିତରେ ଲେଖି ଆବେଦନ କରିବେ, ଯାହାକି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତହସିଲ ଅଫିସ୍ ରେ ଥିବା Drop Box ରେ ତା. **୧୨/୦୫/୨୦୧୯** ରିଖ ରୁ ତା. **୨୦/୦୫/୨୦୧୯** ରିଖ ପୂର୍ବାହ୍ନ **୧୧.୦୦** ଘଟିକା ମଧ୍ୟରେ ପୈଠ କରିପାରିବେ(ଛୁଟିଦିନ ବ୍ୟତୀତ) କିମ୍ବା Regd. Post/ Speed Post ଯୋଗେ ତହସିଲଦାର ଲଖନପୁରଙ୍କ ଠିକଣାରେ ମଧ୍ଯ ପଠାଇ ପାରିବେ । ତା. **୨୦/୦୫/୨୦୧୯** ରିଖ ଦିବା **୧୧.୦୦** ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସଂପୂର୍ଣ ଦରଖାସ୍ତଗୁଡିକ ବାତିଲ୍ କରାଯିବ ।

Scanned with CamScanner

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

୧) ଦରଖାସ୍ତ ପାଉଣା ବାବଦ 1000.00 ଅଣଫେରସ୍ତ ଟ୍ରେଜେରୀ ଚାଲାଣ (Head of Account-0853-00-102-0217-02021) ରେ ଦାଖଲ କରିବେ ।

୨) ଦରଖାସ୍ତ କରୁଥିବା ସୈରାତ୍ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର ଲଖନପୁରଙ୍କ ନାମରେ (Payable at Jharsuguda)ପ୍ରଦାନ କରିବେ (EMD i.e. 10% (Minimum guarantee quantity + Additional Charge)

୩) ବିଜ୍ଞାପନରେ ପ୍ରକାଶିତ ପ୍ରସ୍ତାବିତ ସୈରାତ୍ ଉତ୍ସର ନାମ ଲେଖି ଦରଖାସ୍ତ କରିବେ ।

୪) କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ ।

୫) ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ **Solvency Certificate**/ ଅନ୍ୟୂନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ୍ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ୍ ଉତ୍ସରେ ବାର୍ଷିକ ମୂଲ୍ୟ . (Minimum guarantee quantity x (royalty + Additional Charge) ଠାରୁ ଅଧିକ ହୋଇଥିବା ଆବଶ୍ୟକ, ପ୍ରଦାନ କରିବା ସହ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର ଦାଖଲ କରିବେ ।

## ବିଶେଷ୍ ସର୍ତାବଳୀ

୧) ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୦୪, OMMC(Amendment) Rules-2016 ର ପରିସରଭୁକ୍ତ ରହିବେ ।

୨) ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩) ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ୍ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

Scanned with CamScanner

୪)   ଲିଜ୍ ସୁତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ  ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ଵାରା ରୟାଲ୍ଟି ଓ ଅତିରିକ୍ତ ଦେୟ ର (ରୟାଲ୍ଟି ଓ ଅତିରିକ୍ତ ଦେୟର(Additional Charge) ମୁଲ୍ୟଠାରୁ କମ୍ ମୁଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ  ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ଵାରା ଧାର୍ଯ୍ୟ ଅନ୍ୟୁନ ରୟାଲ୍ଟି ହାର 1 cum ପ୍ରତି ପଥର ଟ. ୧୩୦.୦୦ ଓ 1 cum ପ୍ରତି ଅତିରିକ୍ତ ଦେୟ (Additional Charge) ଟ. ୭୬.୦୦ ଓ 1 cum ପ୍ରତି ମୋରୁମ ଟ. ୩୫.୦୦ ଓ 1 cum ପ୍ରତି ଅତିରିକ୍ତ ଦେୟ (Additional Charge) ଟ. ୧୦.୦୦ ଧାର୍ଯ୍ୟ କରାଯାଇଛି  ।

Illustration:- (କ)   ୧ cum ପଥର  ପ୍ରତି ଅନ୍ୟୁନ୍ୟ ମୁଲ୍ୟ ଟ. ୧୩୦.୦୦ + ଟ. ୭୬.୦୦ = ଟ. ୨୦୬.୦୦

(ଖ) ୧ cum ମୋରୁମ ପ୍ରତି ଅନ୍ୟୁନ୍ୟ ମୁଲ୍ୟ ଟ. ୩୫.୦୦ + ଟ. ୧୦.୦୦ = ଟ. ୪୫.୦୦

୫)   ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ୍  ଉତ୍ସର  ବାର୍ଷିକ  ଦେୟ  (Minimum  guarantee quantity x (royalty + Additional Charge) ର 25% ରାଶି ପ୍ରାଧିକୃତ ଅଧିକାରୀଙ୍କ ପାଖରେ  ଲିଜ ଚୟନ ଦିବସରେ ଦାଖଲ କରିବେ,

୬) ଲିଜ୍ ଧାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ Mining plan in Form O ଏବଂ Environment Clearance ଦାଖଲ କରିବେ ।

୭)  Mining plan ଟି  Form O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୁଚନା  ସଂଖ୍ୟା ୧୫୩୩ ତା. ୧୪.୦୯.୨୦୦୬ ଅନୁଯାଇ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା  ବିଧେୟ ।

୮)   ଲିଜ୍ ଧାରୀ Mining plan ରେ ଦର୍ଶାଯାଉଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ (Minimum guaranteed quantity) ଠାରୁ ଅଧିକ ହେଇପାରେ  ଓ ଦରଖାସ୍ତ ରେ ଦେଇଥିବା ରୟାଲଟି ଓ ଅତିରିକ୍ତ ଦେୟ(Additional Charge)  ଅନୁଯାୟୀ ସୈରାତ୍ ର ବାର୍ଷିକ ମୂଲ୍ୟ ଓ District Mineral Foundation କୁ ଦେୟ୍ ବାବଦକୁ  ବାର୍ଷିକ ମୂଲ୍ୟ ର 5% ରାଶିକୁ ସର୍ବାଧିକ ୪ କିସ୍ତିରେ (Before the end of month of March, June, September & December) ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ପ୍ରଥମ କିସ୍ତି ଦାଖଲ କରିବା ସହ ଲିଜ୍ ଧାରୀ ନିଜ ଖର୍ଚ୍ଚରେ ଲିଜ୍ Agreement ବା ଚୁକ୍ତି (Registration Act- 1908 and Stamp Act- 1899) ଅନୁଯାୟୀ ସମ୍ପାଦନ କରିବେ ।

Scanned with CamScanner

୯) ଯଦି ଯୋଗ୍ୟ ବିବେଚତ ଚୁକ୍ତି ସମ୍ପାଦନ ପୂର୍ବରୁ ମୁଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

୧୦) ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ୍ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୧୧) ଲିଜ୍ ଧାରୀ ଦାଖଲ କରିଥିବା ସୈରାତ୍ ଉପ୍ପର ବାର୍ଷିକ ମୁଲ୍ୟର ଶତକଡା ୫ ଭାଗ ଅର୍ଥ District Mineral Foundation କୁ ପଇଠ କରିବେ, ଯାହାକ ଉପରୋକ୍ତ ସ୍ତମ୍ଭ ୮ ରେ ଦର୍ଶାଯାଇଅଛି ।

୧୨) ଧାରା ୨୮ ଅନୁଯାୟୀ ଲିଜ୍ ଧାରୀଙ୍କୁ ପ୍ରତେ କ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା dead rent, Compensatory Foundation (କ୍ଷତିପୂରକ ବନୀକରଣ) ଓ Surface rent ରେ ଦାଖଲ କରିବାକୁ ପଡିବ ।

୧୩) ଆବଶ୍ୟକ ସ୍ଥଳେ ନୟମ ଅନୁଯାୟୀ Security ବାବଦ ଜମାରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ।

୧୪) ସର୍ବୋଚ୍ଚ ନଲମଧାରୀ ମୂଲ୍ୟର ଶତକଡା 2(2%) (ଯଦି Pan Card ଥାଏ) TDS ବାବଦକୁ ଜମା କରିବେ ନଚେତ୍ ଶତକଡା 20(20%) ବାବଦକୁ ଜମା କରିବାକୁ ପଡିବ ।

୧୫) ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୬) ପରିଗ୍ଣଳତ ନୟମ ଅନୁଯାୟୀ ଲିଜ୍ ଅବଧି ମଧରେ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ମୁଲ୍ୟର ଶତକଡା 40 ଭାଗ ବୃଦ୍ଧି ହେବ । ଲିଜ୍ ଧାରୀ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ରୟାଲଟି ବାବଦକୁ ବୃଦ୍ଧି ରାଶି ଜମା କରିବେ ।

୧୭) ନିଲାମଧାରୀମାନେ OMMC(Amendment) Rules-2016 ର 28, 29, 30 ଏବଂ 32 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

**ଜ୍ଞାପକ ସଂଖ୍ୟା : 1763/ ତାରିଖ :12.05.2020**

ଏହାର ଏକକତା ନକଲ ଜିଲ୍ଲାପାଳ, ଝାରସୁଗୁଡା/ଉପଜିଲ୍ଲାପାଳ, ଝାରସୁଗୁଡା/ ଝାରସୁଗୁଡା ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ/ ଝାରସୁଗୁଡା ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ/ ଝାରସୁଗୁଡା ଜିଲ୍ଲା ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଏବଂ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟର ସୂଚନା ଫଲକରେ ପ୍ରକାଶନ ନମନ୍ତେ ପ୍ରେରଣ କରାଗଲା ।

Scanned with CamScanner

ଏହାର ଏକକତା ନକଲ DIO, NIC, Jharsuguda ଙ୍କ ଅବଗତି ନମନ୍ତେ ପ୍ରେରଣ କରାଯିବା ସହିତ ଏହାକୁ ଜିଲ୍ଲା Website ରେ ବିଜ୍ଞାପନ ନମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ଲଖନପୁର

Scanned with CamScanner

## ସୈରାତ୍ ଉତ୍ସଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କିସମ | ଅନ୍ୟୁନ ଉତ୍ତୋଳନ ପରିମାଣ (MGQ in Cum) | ଅମାନତ ଅଗ୍ରିମ ରାଶି ଯାହାକି ବ୍ୟାଙ୍କ ଡ୍ରାଫ୍ଟ (Bank Draft) ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ (In Rs.) |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ୦୫/୨୦୨୦ | ବେଲପାହାଡ ମୋରୁମ ଖାଦାନ୍ | ୧୨୬୭ | ୨୩୨୧ ରୁ | ୨.୦୦ | ପତିତ | ୨୦୦୦ | ୪,୫୦୦.୦୦ |
| ୨ | ୦୬/୨୦୨୦ | ରେଙ୍ଗାଲି ମୋରୁମ ଖାଦାନ | ୮୯ | ୧୨୦/୧୮୯୧ | ୨.୫୦ | ପତିତ | ୨୦୦୦ | ୪,୫୦୦.୦୦ |
| ୩ | ୦୭/୨୦୨୦ | ଲଖନପୁର ମୋରୁମ ଖାଦାନ | ୨୭୭ | ୨୦୧୮/୫୬୪୩ | ୨.୦୦ | ପତିତ | ୨୦୦୦ | ୪,୫୦୦.୦୦ |
| ୩ | ୨୪/୧୫ | ସରଣ୍ଡାମାଲ ପଥର ଖାଦାନ୍-୩ | ୨୩୫ | ୨୫୨୦ | ୩.୮୦ | ପଥର ଚଟାଣ | ୨୯୪୫ | ୩୯,୭୫୮.୦୦ |

/05/2020

ତହସିଲଦାର,ଲଖନପୁର

Scanned with CamScanner